Odisha Bhaskar, Jan 28, 2017

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପାଇଁ ଜିଏମ୍ଆର୍ ପୁରସ୍କୃତ



ଢେଙ୍କାନାଳ,(ଆପ୍ର): ଢେଙ୍କାନାଳ ଓଡାପଡା ବ୍ଲକ ଅନ୍ତର୍ଗତ କମଳାଙ୍ଗସ୍ଥିତ ଜିଏମ୍ଆର୍ କମଳାଙ୍ଗ ଏନର୍ଜୀ ଲିମିଟେଡ୍ ପ୍ରକଳ୍ପ ପରିସରରେ ଅଧିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିବାରେ ଜିଲ୍ଲା ରେଡ୍‌କ୍ରସ ବ୍ଲଡ୍‌ବ୍ୟାଙ୍କ ଓ ଢେଙ୍କାନାଳ ପ୍ରଶାସନ ଦ୍ୱାରା ପୁରସ୍କୃତ ହୋଇଛି। ସ୍ଥାନୀୟ ରିଜର୍ଭ ପୋଲିସ ପଡିଆଠାରେ ଜନରାଜ୍ୟ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା ଢେଙ୍କାନାଳ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଜିକେଇଏଲକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲାରେ ଏହି ପୁରସ୍କାର ପାଇବାରେ ଜିକେଇଏଲ ପ୍ରଥମ କମ୍ପାନୀ। ଗତବର୍ଷ ପ୍ରକଳ୍ପ ପରିସରରେ ଅଧିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିବାରୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। କମ୍ପାନୀର ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇ ଜିକେଇଏଲ ଅଫ୍ ଅପରେଟିଂ ଅଫିସର ରମେଶ ଆର୍ ପାଇ କହିଥିଲେ ଯେ, ଜିଲ୍ଲାର ସମସ୍ତ ଅଧିବାସୀ ବିଶେଷ କରି କମ୍ପାନୀ ପାରି ପାର୍ଶ୍ୱରେ ରହୁଥିବା ଗ୍ରାମବାସୀଙ୍କ ପାଇଁ ଆଗାମୀ ଦିନରେ ଅଧିକ କର୍ତ୍ତବ୍ୟ ପରାୟଣ ହେବାପାଇଁ ଏହି ପୁରସ୍କାର ନିଶ୍ଚୟ ପ୍ରେରଣା ଯୋଗାଇବ। ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରି ରହିବ ବୋଲି ଶ୍ରୀ ପାଇ କହିଥିଲେ। ଜିକେଇଏଲ ଗତ ଦୁଇବର୍ଷ ଧରି ଲଗାତାର ଭାବେ ଏହି ପୁରସ୍କାର ପାଇଆସୁଛି। ସ୍ଥାନୀୟ ଲୋକମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ଜିକେଇଏଲ କମଳାଙ୍ଗ ଠାରେ ଏହି ହସ୍ପିଟାଲ ସ୍ଥାପନ କରିବା ସହ ସମସ୍ତ ଜମିହରାଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଗାଇଦେଇଛି।

GKEL awarded for holding blood donation camps